# ତହସିଲଦାରଙ୍କ ଅଦାଲତ, କେନ୍ଦୁଝର

**ରାଜସ୍ୱ ବିବିଧ ମାମଲା ସଂଖ୍ୟା- ୧୩୨/୨୦୨୫**

## ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ ତଫସିଲଭୁକ୍ତ ସରକାରୀ ଜମିରେ **Odisha Industrial Infrastructure Development Corporation (IDCO), Bhubaneswar "ଶିଳ୍ପ ଓ ସମବର୍ଗୀ ପ୍ରକଳ୍ପ"** ସ୍ଥାପନ ନିମନ୍ତେ ଆବେଦନ କରିଛନ୍ତି। ଯେହେତୁ ଏହି ଜମିର ଖାତା ରକ୍ଷିତ ଏବଂ କିସମ ଶାରଦ-୩ ରହିଅଛି, ଏହାର ଖାତା ଆବାଦ ଯୋଗ୍ୟ ଅନାବାଦି ଏବଂ କିସମ ପତିତକୁ ପରିବର୍ତ୍ତନ କରାଯାଇ ଏହି ସରକାରୀ ଜମିକୁ ସେହି ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଉକ୍ତ ସଂସ୍ଥା ନାମେ ବନ୍ଦୋବସ୍ତ କରାଯିବ ପାଇଁ ସ୍ଥିର ହୋଇଛି। ଉକ୍ତ ସରକାରୀ ଜମିକୁ ସେହି ଉଦ୍ଦେଶ୍ୟ ରେ ପରିବର୍ତ୍ତନ କରାଗଲେ, ଯଦି କୌଣସି ବ୍ୟକ୍ତି ବିଶେଷ/ ସଂପୃକ୍ତ ଗ୍ରାମବାସୀ/ ସଂପୃକ୍ତ ଗ୍ରାମ ପଞ୍ଚାୟତଙ୍କର କୌଣସି ଆପତ୍ତି ଅଭିଯୋଗ ଥାଏ, ତାହା ହେଲେ ସେ/ ସେମାନେ ଏହି ଇସ୍ତେହାର ପ୍ରକାଶନ ୧୫ ଦିନ ମଧ୍ୟରେ ସେମାନଙ୍କର ଆପତ୍ତି ଅଭିଯୋଗ ଲିଖିତ ଆକାରରେ ଟ ୨୦.୦୦ ଙ୍କା (କୋଡିଏ ଟଙ୍କା ) ର କୋର୍ଟ ଫି ସଂଲଗ୍ନ କରି ନିମ୍ନ ସ୍ୱାକ୍ଷରକରୀଙ୍କୁ ଦରଖାସ୍ତ କରିପାରିବେ ଏବଂ ତାହା ବିଚାର ପାଇଁ ଗ୍ରହଣ ଯୋଗ୍ୟ ହେବ। ନିର୍ଦ୍ଧାରିତ ସମୟ ପରେ କୌଣସି ଆପତ୍ତି ଦରଖାସ୍ତ ବିଚାର ପାଇଁ ଯୋଗ୍ୟ ବିବେଚିତ ହେବ ନାହିଁ।

## ତଫସିଲ

### ମୌଜା- ଭାଲିଆଡ଼ିହି

| ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା (ଏକରରେ) | ଆବଶ୍ୟକ ଜମିର ରକବା (ଏକରରେ) |
|---|---|---|---|---|
| ୩୮ (ରକ୍ଷିତ) | ୭୧୧ | ଶାରଦ-୩ | ୫.୩୩୦ (୨.୧୬୦ ହେକ୍ଟର) | ୫.୦୦୦ |

୧୭/୧୦/୨୫

ତହସିଲଦାର, କେନ୍ଦୁଝର

TAHASILDAR KEONJHAR

ଏହାର ଏକକିତ ନକଲ ସଂପୃକ୍ତ ଗ୍ରାମର ପ୍ରକାଶ୍ୟ ସ୍ଥାନରେ ଡାକବାଜି ଜନ୍ତ୍ର ଦ୍ୱାରା / ଅନ୍ୟ ଏକକିତା ନକଲ ସଂପୃକ୍ତ ପଞ୍ଚାୟତ କାର୍ଯ୍ୟାଳୟର ନୋଟିସ ବୋର୍ଡରେ / ଅନ୍ୟ ଏକକିତା ନକଲ District Website: https://kendujhar.odisha.gov.in ରେ ପ୍ରକାଶନ ପାଇଁ ଏବଂ ଅନ୍ୟ ଏକାକିତା ତହସିଲ କାର୍ଯ୍ୟାଳୟ, କେନ୍ଦୁଝରଙ୍କ ନୋଟିସ ବୋର୍ଡରେ ପ୍ରକାଶନ ପାଇଁ ପ୍ରେରିତ ହେଲା ।

୧୭/୧୦/୨୫

ତହସିଲଦାର, କେନ୍ଦୁଝର

TAHASILDAR KEONJHAR